# ବଳଙ୍ଗା ଅଞ୍ଚଳରେ ବାରମ୍ବାର ମନ୍ଦିରରୁ ଚୋରି

ବଳଙ୍ଗା,୨୮।୪(ସମିସ): ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଦିପିଦେଉଳି ଗ୍ରାମଦେବୀଙ୍କ ମନ୍ଦିର ଏବଂ ବରିହା



ଗ୍ରାମର ମା' ତାରିଣୀ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୋରି କରିନେଇଥିବା ନେଇ ଗ୍ରାମବାସୀଙ୍କ ତରଫରୁ ଥାନାରେ ଦୁଇଟି ଅଭିଯୋଗ ହୋଇଛି। ବଳଙ୍ଗା ପୁଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ବଳଙ୍ଗା ଥାନା ଅଧିକାରିଣୀ ଏତଲା ଆଧାରରେ ତଦନ୍ତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ଡକାଇଥିଲେ। ଦୁର୍ବୃତ୍ତମାନେ ତାଲା କାଟି ମନ୍ଦିର ପଛପଟେ ପକାଇଥିଲେ। ସନ୍ଧାନୀ କୁକୁର ତାଲା ଜରିଆରେ ଦିପିଦେଉଳି ଦଳିତ ସାହି ଭିତରେ ବହୁ ସମୟ ଧରି ରହିଥିଲା। ଦୁଇଟି ମନ୍ଦିର ପାଖାପାଖି ହୋଇଥିବାରୁ ଦୁର୍ବୃତ୍ତମାନେ ଗୋଟିଏ ଗ୍ରୁପ୍‌ର ବୋଲି ସନ୍ଦେହ କରାଯାଉଛି। ତାରିଣୀ ମନ୍ଦିରରୁ ପାଞ୍ଚ ଥର ଚୋରି ହେଲାଣି ବୋଲି କହିଛନ୍ତି ଗ୍ରାମର ସଭାପତି ସୋମନାଥ ସେନାପତି। ବର୍ତ୍ତମାନ ଚୋରି ଏତେ ମାତ୍ରାରେ ବଢ଼ିଗଲାଣି ଯେ ପୁଲିସର ମୁଣ୍ଡବ୍ୟଥାର କାରଣ ସାଜିଛି। ସୂଚନା ଥାଉକି, ଗତ ୩/୪ ମାସ ମଧ୍ୟରେ ଆଖପାଖ ଗ୍ରାମର ତଥା ବଡ଼ନିନିଗାଁ, ଅଲଣ୍ଡାପଡ଼ା, ଚକରକୁଦ, ବାଙ୍ଗୁଶ ଶାଶନ ଓ ପାର୍ବତୀପୁର ଗାଁରେ ଥିବା ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସିଠାରେ ଚୋରି ହୋଇଥିବା ସାମଗ୍ରୀ କିମ୍ବା ଚୋରର ପତ୍ତା ମିଳି ନ ଥିବାରୁ ଅଞ୍ଚଳର ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୁରୀ ଏସ୍‌ପି ଏହି ଚୋରି ଘଟଣା ଉପରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

ସାକ୍ଷୀଗୋପାଳ,୨୮।୪(ସମିସ)



ଚିକିତ୍ସାରେ ବିଳମ୍ବ କାରଣରୁ ଜନୈକ ବୃଦ୍ଧଙ୍କ ମୃତ୍ୟୁ ଘଟଣାକୁ ନେଇ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ଅପରାହ୍ଣରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା। ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କୁ ତୁରନ୍ତ ବଦଳି ସହିତ ଉପଯୁକ୍ତ କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ମୃତକଙ୍କ ସମ୍ପର୍କୀୟମାନେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅଡ଼ି ବସିଥିଲେ। ଖବରପାଇ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ। ମୃତକଙ୍କ ସମ୍ପର୍କୀୟ ଓ ସେଠାରେ ଉପସ୍ଥିତ ଥିବା ଶତାଧିକ ଲୋକଙ୍କ ଅଭିଯୋଗକୁ ଆଧାର କରି ଜିଲ୍ଲା ଚିକିତ୍ସା ଅଧିକାରୀ, ପୁରୀ ଜିଲ୍ଲାପାଳ ଓ ପୁରୀ ଉପଜିଲ୍ଲାପାଳଙ୍କୁ ଏ ବିଷୟରେ ଜଣାଇବା ସହ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପାଇଁ ଉତ୍ତେଜିତ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏସ୍‌ଡିପିଓ ଦେବାଶିଷ ମିଶ୍ର ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସ ଫୋର୍ସ ସହିତ ଡାକ୍ତରଖାନାରେ ଉପସ୍ଥିତ ଥିଲେ।

ମୃତକଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ଣରେ ସତ୍ୟବାଦୀ ଥାନା ଅନ୍ତର୍ଗତ ବନପୁର ସାମିଲି ବନମାଳୀଡିପିର ବସନ୍ତ ମହାନ୍ତି (୬୧) ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଚିକିତ୍ସା ନିମନ୍ତେ ତାଙ୍କ ପରିବାର ପକ୍ଷରୁ ତାଙ୍କୁ ଦିନ ୧୨ଟା ୧୫ରେ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ୧୨ଟା ୪୫ ପର୍ଯ୍ୟନ୍ତ ବସନ୍ତଙ୍କୁ କୌଣସି ଚିକିତ୍ସା ଯୋଗାଇ ଦିଆଯାଇ ନ ଥିବାରୁ ବସନ୍ତଙ୍କ ମୃତ୍ୟୁ ହୋଇଥିଲା। ତେବେ ୩୦ ମିନିଟ୍ ଧରି ବସନ୍ତଙ୍କୁ ଚିକିତ୍ସା ନିମନ୍ତେ ଯେଉଁ ସମ୍ପର୍କୀୟମାନେ ନେଇଥିଲେ ସେମାନେ ଏହି ସମୟରେ ଦାୟିତ୍ୱରେ

- ୩୦ ମିନିଟ୍ ଧରି କାକୁତିମିନତି ହୋଇଥିଲେ ମଧ୍ୟ ଡାକ୍ତର ଚିକିତ୍ସା କଲେନି
- ଦୁଇ ଘଣ୍ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଲାଗିରହିଲା ଉତ୍ତେଜନା

ଥିବା ଡାକ୍ତର, ନର୍ସ, ରୋଗୀ ସହାୟକ ଓ ସୁରକ୍ଷା କର୍ମୀଙ୍କୁ ବସନ୍ତଙ୍କ ଚିକିତ୍ସା ନିମନ୍ତେ ସହଯୋଗ କରିବା ପାଇଁ ଅନେକଥର ଆକୁଳ ନିବେଦନ କରିଥିଲେ ମଧ୍ୟ ଏମାନଙ୍କ ମଧ୍ୟରୁ କେହି ଜଣେ ହେଲେ ସହଯୋଗ କରି ନ ଥିବା ଅଭିଯୋଗ ହୋଇଛି। ଯାହା ଫଳରେ ବସନ୍ତଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଯେତେବେଳେ ବସନ୍ତଙ୍କ ଶରୀର ନିସ୍ତେଜ ହୋଇଯାଇଥିଲା, ସେତେବେଳେ ହୋ-ହଲ୍ଲା ଶୁଣି ଦାୟିତ୍ୱରେ ଥିବା ଡାକ୍ତର ଚିକିତ୍ସା ଆରମ୍ଭ କରିଥିଲେ ବୋଲି ବସନ୍ତଙ୍କ ପୁତୁରା ବିଶ୍ୱନାଥ ପ୍ରତାପ ମହାନ୍ତି ଅଭିଯୋଗ କରିଛନ୍ତି। ତେବେ ଘଟଣା ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା ସ୍ୱାସ୍ଥ୍ୟକେନ୍ଦ୍ରରେ ଲଗାଯାଇଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇ ରହିଛି। ତାହାକୁ ତଦନ୍ତ ପରିସରକୁ ନେବା ପାଇଁ ଦାବି କରିଛନ୍ତି ମୃତକଙ୍କ ପୁତୁରା। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବସନ୍ତଙ୍କ ମରଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

● ପୁରୀ ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଦିବସ ଉତ୍ସବ

# ୮ ବ୍ଲକ୍‌ର ପ୍ରାଣୀପାଳକ ଓ ବିଭାଗୀୟ କର୍ମଚାରୀଙ୍କୁ ଉପେକ୍ଷା



ନିମାପଡ଼ା,୨୮।୪(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ଏପ୍ରିଲ୍ ମାସର ଶେଷ ଶନିବାର ତଥା ଗତ ୨୬ ତାରିଖ ଦିନ ରାଜ୍ୟର ସବୁ ଜିଲ୍ଲାସ୍ତରରେ ବିଶ୍ୱ ପ୍ରାଣୀପାଳନ ଦିବସ ସରକାରୀ ପ୍ରୋତ୍ସାହନରେ ଆଡ଼ମ୍ବର ଭାବେ ପାଳନ କରାଯାଇଛି। ପୁରୀ ଜିଲ୍ଲା ମଧ୍ୟ ପିପିଲି ନିକଟବର୍ତ୍ତୀ ଏକ ବିଳାଶପୂର୍ଣ୍ଣ ହୋଟେଲରେ ପାଳନ କରାଯାଇଛି। ପ୍ରତିବର୍ଷ ଏହି ଉତ୍ସବ ପାଳନରେ ଜିଲ୍ଲାର ୧୧ଟି ବ୍ଲକ୍‌ରୁ ବଛା ବଛା ବିଭିନ୍ନ ଚାଷୀ ଓ ପ୍ରାଣୀଧନ ନିରୀକ୍ଷକମାନେ ସୁଯୋଗ ପାଇ ଆସୁଥିଲେ। କିନ୍ତୁ ଏହି ବର୍ଷ କେବଳ ପିପିଲି, ସତ୍ୟବାଦୀ ଓ ନିମାପଡ଼ା ବ୍ଲକ୍‌ରୁ ୧୦ ଜଣ ଲେଖାଏଁ ୩୦ ଜଣ ଚାଷୀ ଏବଂ ଜିଲ୍ଲାରେ କର୍ତ୍ତବ୍ୟରତ ସମସ୍ତ ପ୍ରାଣୀଚିକିତ୍ସକଙ୍କ ବ୍ୟତୀତ ଅନ୍ୟ ୮ଟି ବ୍ଲକ୍‌ରୁ କୌଣସି ଚାଷୀ କିମ୍ବା କୌଣସି କ୍ଷେତ୍ର କର୍ମଚାରୀଙ୍କୁ ଉତ୍ସବ ପାଳନରେ ସୁଯୋଗ ମିଳିପାରିନାହିଁ। କେଉଁ ଆଧାରରେ ଏମାନଙ୍କୁ ଉତ୍ସବରୁ ବଞ୍ଚିତ କରାଗଲା ଓ କାହିଁକି କରାଗଲା ତା'ର ଉତ୍ତର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଦାୟିତ୍ୱରେ ଥିବା ଅଧିକାରୀ ଜାଣିଥିବେ। ଏହି ସରକାରୀ କାର୍ଯ୍ୟକ୍ରମ ପୁରୀ ସହରର ବିଭିନ୍ନ ସରକାରୀ ଅନୁଷ୍ଠାନରେ ପାଳିତ ହୋଇ ଆସୁଥିବାବେଳେ କେଉଁ ଉଦ୍ଦେଶ୍ୟରେ ଜିଲ୍ଲା ହେଡ୍ କ୍ୱାର୍ଟରଠାରୁ ୩୫ କି.ମି. ଦୂରରେ ପାଳନ କରାଯାଇଛି ତାହା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡ଼ିବ।

# ସାଡେଙ୍ଗାରେ ମା' ଚଣ୍ଡୀମାତାଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୮।୪(ସମିସ): ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଅନ୍ତର୍ଗତ ସାଡେଙ୍ଗା ଗ୍ରାମରେ ମା' ଚଣ୍ଡୀମାତାଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବର



ପ୍ରଥମ ଦିନରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ସହିତ ପୂଜାର ଶୁଭାରମ୍ଭ ହୋଇଥିବାବେଳେ ପରବର୍ତ୍ତୀ ଦିନଗୁଡ଼ିକରେ ଅଧିବାସ ଓ ବିଭିନ୍ନ ପାରମ୍ପରିକ ଧାର୍ମିକ ବିଧିବିଧାନ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଆୟୋଜିତ ଭବ୍ୟ କଳସ ଯାତ୍ରା ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି କଳସ ଯାତ୍ରାରେ ଶତାଧିକ ମହିଳା ଭକ୍ତ ଓ ଗ୍ରାମବାସୀ ସାମିଲ୍ ହୋଇଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅବସରରେ ଏକ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାର ପ୍ରସିଦ୍ଧ ଭଜନ ଗାୟକମାନେ ଯୋଗଦେଇ ନିଜର ଭକ୍ତିପୂର୍ଣ୍ଣ ସଙ୍ଗୀତ ମାଧ୍ୟମରେ ଶ୍ରୋତାମାନଙ୍କୁ ବିଭୋର କରିଥିଲେ। ମହୋତ୍ସବର ଅନ୍ତିମ ଦିନରେ ବାଜା, ବାଣ, ରୋଷଣୀ କରି ଦୋଳଗୋବିନ୍ଦଙ୍କୁ ଗ୍ରାମ ପରିଭ୍ରମଣ କରାଯାଇଥିଲା। ବିଶେଷ ପୂଜାର୍ଚ୍ଚନା ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରିଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ସାଡେଙ୍ଗାର 'ଚଣ୍ଡୀମାତା ଯୁବକ ସଂଘ'ର ସଦସ୍ୟ ଏବଂ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଛି।

# ଯାତ୍ରା ପେଣ୍ଡାଲରେ ହାଇଡ୍ରାମା କଲେ ୧୫ ଯୁବକ

ଡେଲାଙ୍ଗ,୨୮।୪(ସମିସ): ଡେଲାଙ୍ଗ ଥାନା ଅନ୍ତର୍ଗତ ରେଙ୍ଗଳ ଗ୍ରାମରେ ମେଳଣ ଚାଲିଥିବାବେଳେ ଯୁବଗୋଷ୍ଠୀଙ୍କ ପକ୍ଷରୁ ଆୟୋଜିତ ଡ୍ରାମା ପେଣ୍ଡାଲରେ ଅନ୍ୟ ଏକ ଗୋଷ୍ଠୀର କିଛି ବ୍ୟକ୍ତି ମଞ୍ଚରେ ଚଢ଼ି ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି। ୧୫ରୁ ଅଧିକ ଯୁବକ ହାତରେ ମାରଣାସ୍ତ୍ର, ଠେଙ୍ଗା, ବାଡ଼ି ଧରି ପେଣ୍ଡାଲ ଉପରେ ଚଢ଼ି ଭଙ୍ଗାରୁଜା କରିବା ସହ ଉପସ୍ଥିତ ଲୋକଙ୍କୁ ପ୍ରାଣାନ୍ତକ ଆକ୍ରମଣ କରି ଜିନିଷପତ୍ର ଲୁଟିନେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଭୟଭୀତ ହୋଇ ଦର୍ଶକମାନେ ଦୌଡ଼ାଦୌଡ଼ି କରିବାବେଳେ ସେଥିରେ ମଧ୍ୟ ଅନେକ ଆହତ ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଡେଲାଙ୍ଗ ଥାନା ଅନ୍ତର୍ଗତ ରେଙ୍ଗଳ ଗ୍ରାମରେ ମେଳଣ ଚାଲିଥିବାବେଳେ ମେଳଣ ଯାତ୍ରା ପରଦିନ ଗାଁର ଯୁବକମାନଙ୍କ ଦ୍ୱାରା ମଞ୍ଚରେ ଡ୍ରାମା ପରିବେଷଣ ହୋଇଥିଲା। ଗାଁ କମିଟିର ଅନୁମୋଦନ କ୍ରମେ ଗତ ୩ ବର୍ଷ ହେଲାଣି ଶ୍ରୀଭାଗବତ ବାସୁଦେବ ଡ୍ରାମାଟିକ୍ ଆସୋସିଏସନ ପକ୍ଷରୁ ଡ୍ରାମା ପରିବେଷଣ ହୋଇଆସୁଛି। ତେବେ ଚଳିତ ବର୍ଷ ଡ୍ରାମା ଚାଲିବା ସମୟରେ ହଠାତ୍ ଡ୍ରାମା ପେଣ୍ଡାଲ ଉପରକୁ ଟେକା ପଥର ଫିଙ୍ଗାଯିବା ସହ ଗ୍ରାମର ଉପରସାହିର ୧୫ରୁ ଅଧିକ ଯୁବକ ହାତରେ ମାରଣାସ୍ତ୍ର, ଠେଙ୍ଗା, ବାଡ଼ି ଧରି ପେଣ୍ଡାଲ ଉପରେ ଚଢ଼ି ଭଙ୍ଗାରୁଜା କରିବା ସହ ଉପସ୍ଥିତ ଲୋକଙ୍କୁ ପ୍ରାଣାନ୍ତକ ଆକ୍ରମଣ କରି ଜିନିଷପତ୍ର ଲୁଟିନେଇଥିବା ଅଭିଯୋଗ ହୋଇଛି। ଏହି ସମୟରେ ଲୋକମାନେ ଏଣେତେଣେ ଦୌଡ଼ାଦୌଡ଼ି ହୋଇ ଦଳାଚକଟାରେ ଏକାଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ଡ୍ରାମାଟିକ୍ ଆସୋସିଏସନର ସଭାପତି ବିକ୍ରମ ସାହୁଙ୍କ ସମେତ ପ୍ରଶାନ୍ତ ରାୟ, ଦୀପକ ବାରିକ, ଗଣେଶ ମହାପାତ୍ର, ଦୀପକ ଲେଙ୍କା ପ୍ରମୁଖ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନାରେ ୧୨୨/୨୬ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଅପରପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିବାବେଳେ ଏ ସଂକ୍ରାନ୍ତରେ ୧୨୩/୨୬ରେ ଆଉ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଡେଲାଙ୍ଗ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

ଡେଲାଙ୍ଗ ଥାନା ଅଞ୍ଚଳରେ ଏବେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଚାଲିଥିବାବେଳେ ଦିନକୁ ଦିନ ଗଣ୍ଡଗୋଳ, ମାର୍‌ପିଟ୍ ଭଳି ହିଂସାତ୍ମକ କାର୍ଯ୍ୟ ସହିତ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ମାଳମାଳ ଅଭିଯୋଗ ହୋଇଆସୁଛି। ଏଥିସହିତ ଗତ ୨ମାସ ମଧ୍ୟରେ ୭୦ରୁ ଅଧିକ ସୁନା ଗହଣା, ଟଙ୍କା ଚୋରିଠାରୁ ଆରମ୍ଭ କରି ରାତିରେ ସିରିଜ୍ ଚୋରି, ଠାକୁରଙ୍କ ଅଳଙ୍କାର ସହ ହୁଣ୍ଡିରୁ ଟଙ୍କା ଚୋରି ଏବଂ ଦୋକାନ ଭାଙ୍ଗି ଚୋରି ଆଦି ଘଟଣା ଲୋକଙ୍କୁ ଅତିଷ୍ଠ କଲାଣି। ଅଞ୍ଚଳରେ ଚୋରି ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଏ ଦିଗରେ ଯେପରି ପୁଲିସ ସମ୍ପୂର୍ଣ୍ଣ ବିଫଳ ପାଲଟିଥିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସେହିପରି ବେଆଇନ ଖଣିଜ ସମ୍ପଦ ଲୁଟ୍ ସହ ଚୋରା ମାଙ୍କଡ଼ା ପଥର ଚାଲାଣ ମଧ୍ୟ ବଢ଼ିଚାଲିଥିବାବେଳେ ମାଫିଆଙ୍କ ଉପଦ୍ରବ ଉପରେ ପୁଲିସ ପ୍ରଶାସନର ଲଗାମ୍ ଲାଗିପାରୁନି।

● ବାହାରଣା ଶ୍ରୀନୃସିଂହ ସେବା ସମବାୟ ସମିତି

# ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀ ଅସନ୍ତୁଷ୍ଟ

ଚାରିଛକ,୨୮।୪(ସମିସ): ଚାରିଛକ ନିକଟସ୍ଥ ବାହାରଣା ପଞ୍ଚାୟତ ଶ୍ରୀନୃସିଂହ ସେବା ସମବାୟ ସମିତିର ଚାଷମାନେ ଧାନ ବିକ୍ରୟ ନିମନ୍ତେ ପଞ୍ଜୀକରଣରୁ ବାଦ୍ ପଡ଼ିଥିବାରୁ ସେମାନଙ୍କ ଭିତରେ ଘୋର୍ ଅସନ୍ତୋଷ ବୃଦ୍ଧିପାଇଛି। ସୂଚନା ମୁତାବକ, ଗତ ମାର୍ଚ୍ଚ ୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଷୀମାନଙ୍କ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ୨୫ ତାରିଖ ଶେଷ ଦିନରେ ସର୍ଭର ଡାଉନ୍ ରହିବା ଫଳରେ ୧୧୨ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ଉକ୍ତ ମାସ ୨୮ ତାରିଖରେ ଅନ୍‌ଲାଇନ୍ ପଞ୍ଜୀକରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଜିଲ୍ଲା କୃଷି ଅଧିକାରୀଙ୍କ ପ୍ରତିଶ୍ରୁତି ମୁତାବକ ସେହିଦିନ ପଞ୍ଜୀକରଣ କରାଗଲା ନାହିଁ। ତୁରନ୍ତ



ବାଦ୍ ପଡ଼ିଥିବା ଚାଷୀମାନଙ୍କ ନାମକୁ ପଞ୍ଜୀକରଣ କରିବାକୁ ପୂର୍ବତନ ସରପଞ୍ଚ ଗୋବିନ୍ଦ ମଳିକ, ନିଶିକାନ୍ତ ସ୍ୱାଇଁ, ବୈଷ୍ଣବ ଚରଣ ମହାନ୍ତି, ବସନ୍ତ ସ୍ୱାଇଁ, ଈଶ୍ୱର ନାୟକ, ଅମରେଶ୍ୱର ଭୋଳ ପ୍ରମୁଖ ଚାଷୀ ଦାବି କରିଛନ୍ତି।

# ନାମ ପଞ୍ଜୀକରଣ କରିଛନ୍ତି ୨୨,୨୩୬ ଚାଷୀ

ପୁରୀ,୨୮।୪(ସମିସ): ପୁରୀ ଜିଲ୍ଲାସ୍ତରୀୟ ରବି ଋତୁ ଧାନ ସଂଗ୍ରହ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ସୋମବାର ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ



ମେ' ୧୫ରୁ ରବି ଧାନ ସଂଗ୍ରହ

ହୋଇଯାଇଛି। ରବି ଧାନ ସଂଗ୍ରହ ମେ' ୧୫ ତାରିଖଠାରୁ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଖରିଫ ଧାନ ସଂଗ୍ରହ ପରି ରବି ଧାନ ସଂଗ୍ରହକୁ ସମସ୍ତଙ୍କ ଉଦ୍ୟମରେ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୃଷକମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବା, ଧାନ ମଣ୍ଡିଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା, ଧାନ ସଂଗ୍ରହ ଉପକରଣ ସବୁକୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ୨୨ ହଜାର ୨୩୬ କୃଷକ ନାମ ପଞ୍ଜୀକରଣ କରିଛନ୍ତି। ଗତ ଖରିଫ ଋତୁରେ ଜିଲ୍ଲାରେ ୨ ଲକ୍ଷ ୧୦ ହଜାର ୪୦୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟରୁ ୨୦୩୫୨୦.୫୭୯ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ଜିଲ୍ଲାରେ ୫୯ ହଜାର ୨୫୩ ପଞ୍ଜିକୃତ ଯୋଗ୍ୟ ଚାଷୀଙ୍କ ମଧ୍ୟରୁ ୫୮ ହଜାର ୫ ଜଣଙ୍କଠାରୁ ଏହି ଧାନ ସଂଗୃହିତ ହୋଇଥିଲା। ସେହିପରି ଗତବର୍ଷ ରବି ଋତୁରେ ୨୫ ହଜାର ୩୨୧ ପଞ୍ଜିକୃତ ଯୋଗ୍ୟ କୃଷକଙ୍କ ମଧ୍ୟରୁ ୧୮ ହଜାର ୧୩ ଜଣଙ୍କଠାରୁ ୭୨,୫୪୪.୦୭୮ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ପୁରୀ ସାଂସଦଙ୍କ ପ୍ରତିନିଧି, ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀ ବିଧାୟକଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକରେ ବିବିଧ ସୂଚନା ପ୍ରଦାନ କରିଥିଲେ।

# ଅସହାୟ ପରିବାରକୁ ମିଳିଲା ଆବାସ ଗୃହ ଓ ବର୍ଦ୍ଧିତ ଭତ୍ତା

ନିମାପଡ଼ା,୨୮।୪(ସମିସ): ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା ଯୋଗୁଁ ଜଣେ ଅସହାୟ ଗରିବ ପରିବାରକୁ ନ୍ୟାୟ ମିଳିଛି। ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ଜୁଣ୍ଡୁପୁର ଗ୍ରାମର ରୋଗାକ୍ରାନ୍ତ ଦୁଃଶାସନ ପ୍ରଧାନଙ୍କ ପତ୍ନୀ ଶୋଭାମଣି ପ୍ରଧାନଙ୍କ ଦୁଃଖଭରା କାହାଣୀ ଗତ କିଛିଦିନ ତଳେ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ସରକାରଙ୍କ ପକ୍ଷରୁ ତାଙ୍କୁ ଆବାସ ଯୋଜନାରେ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।



ସୂଚନା ଅନୁଯାୟୀ, ଶୋଭାମଣି ଓ ତାଙ୍କ ପରିବାର ଅତି ଅସୁବିଧାରେ କାଳାତିପାତ କରୁଥିଲେ। ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା ତୁରନ୍ତ ଶୋଭାମଣିଙ୍କ ଘରକୁ ଯାଇ ସମସ୍ତ ବିଷୟ ଅନୁଧ୍ୟାନ କରିଥିଲେ ଏବଂ ନିମାପଡ଼ା ବିଡିଓଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ନିମାପଡ଼ା ବିଡିଓଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ ଅଧିକାରୀ ଘଟଣାର ତଦନ୍ତ କରି ଶୋଭାମଣିଙ୍କ ମାସିକ ଭତ୍ତାକୁ ୧୦୦୦ରୁ ୧୨୦୦ ଟଙ୍କାକୁ ବୃଦ୍ଧି କରାଯିବା ସହ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗତ ୨୪ ତାରିଖ ଦିନ 'ଅନ୍ତ୍ୟୋଦୟ ଗୃହ' ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।

# ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ

ସାକ୍ଷୀଗୋପାଳ,୨୮।୪(ସମିସ)

ସତ୍ୟବାଦୀ ଆଇନଜୀବୀ ସଂଘ ପକ୍ଷରୁ ସତ୍ୟବାଦୀ ତହସିଲ୍ କାର୍ଯ୍ୟାଳୟ ପରିସର ତଥା ଆଇନଜୀବୀ ସଂଘ କାର୍ଯ୍ୟାଳୟ




ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୭୮ତମ ଜୟନ୍ତୀ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସତ୍ୟବାଦୀ ତହସିଲ୍‌ଦାର ତଥା ମାଜିଷ୍ଟ୍ରେଟ୍ ସନ୍ତୋଷ କୁମାର ପାଣିଗ୍ରାହୀ ମଧୁବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଅତିରିକ୍ତ ତହସିଲ୍‌ଦାର ଅର୍ପିତା ସେନାପତି ପ୍ରଦୀପ ପ୍ରଜ୍ୱଳନ କରି ନିଜର ବକ୍ତବ୍ୟ ରଖିଥିଲେ। ସଂଘ ତରଫରୁ ସଭାପତି ବାଳକୃଷ୍ଣ ମହାପାତ୍ର ଆତିଥ୍ୟ ପ୍ରଦାନ କରିବା ସହିତ ସମ୍ପାଦକ ଦେବଦତ୍ତ ସାମନ୍ତରାୟ ସଭାକୁ ସମ୍ବୋଧିତ କରି ପରିଚାଳନା କରିଥିଲେ। ସଭା ପରିଚାଳନାରେ ଆଇନଜୀବୀ ବିଧୁଭୂଷଣ ମହାନ୍ତି, ସନ୍ତୋଷ ବେହେରା, ବଟକୃଷ୍ଣ ମିଶ୍ର, ମୋହନ ଚରଣ ସାହୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅଞ୍ଜନ କୁମାର ହୋତା, ଅଜିତ୍ କୁମାର ଚୌଧୁରୀ, ରବୀନ୍ଦ୍ର କୁମାର ଦାଶ, ସୁଶାନ୍ତ କୁମାର ରଥ, ପ୍ରଭାକର ମିଶ୍ର, ପ୍ରଶାନ୍ତ ମହାପାତ୍ର, ଚିନ୍ମୟ କୁମାର ନାୟକ, ସୁନିଲ ନାୟକ, ସରିତା ଦାଶ, ଉପେନ୍ଦ୍ର ବିଶ୍ୱାଳ, ଅମୂଲ୍ୟ ଦାଶ, ଗୋବିନ୍ଦ ମହାପାତ୍ର, ସତିଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**କଣାସ:** ପୁରୀ ଜିଲ୍ଲା କଣାସ ବାର୍ ଆସୋସିଏସନ ତରଫରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ମହାଆଡ଼ମ୍ବରରେ ପାଳନ କରାଯାଇଛି। ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ରାଉତରାୟଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସଭାପତି ଅଶୋକ କୁମାର ପାଣିଗ୍ରାହୀ, ସମ୍ପାଦକ ବିଶ୍ୱରଞ୍ଜନ ବେହେରା, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ରାଉତରାୟ, ପ୍ରଶାନ୍ତ କୁମାର ଜେନା, ଭଗବାନ ସ୍ୱାଇଁ, ମନୋଜ ମଙ୍ଗରାଜ, ବିକ୍ରମ କୁମାର ନାଥ, ସୁଶାନ୍ତ କୁମାର ମହାନ୍ତି, ବାବୁ ବଳବନ୍ତରାୟ, ମିହିର ବେହେରା, ଅମ୍ଳାନ ଦାସ, ଶୁଭଦୀପା ମହାନ୍ତି, ନିରୋ ମୁଦୁଲି, ପ୍ରମୋଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




ସେହିପରି କଣାସ ବ୍ଲକ୍ କାଦୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାନଓରା ଗ୍ରାମରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସାନଓରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନ, ହରଚଣ୍ଡୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ କୁମାର ପ୍ରଧାନ ପ୍ରମୁଖ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମଧୁବାବୁଙ୍କ ମହନୀୟ ଅବଦାନ ନିକଟରେ ଏ ଜାତି ନତମସ୍ତକ ହୋଇରହିଛି ବୋଲି ଶ୍ରୀ ଶ୍ରୀଚନ୍ଦନ କହିଛନ୍ତି।

**ବଳଙ୍ଗା:** ମଙ୍ଗଳବାର ଅପରାହ୍ଣରେ ବଳଙ୍ଗାସ୍ଥ ନିଗମାନନ୍ଦ ସାରସ୍ୱତ ବିଦ୍ୟାନିକେତନଠାରେ ଭାର୍ଗବୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁବାବୁଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା,




ସାହିତ୍ୟ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ସଂସଦର ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ କୈଳାସ ଚନ୍ଦ୍ର ଶତପଥୀ, ଦୁର୍ଯ୍ୟୋଧନ ସ୍ୱାଇଁ, ଶିକ୍ଷକ ସରୋଜ କୁମାର ଦେଓ, ଭରତ ଚନ୍ଦ୍ର ମିଶ୍ର, ପ୍ରସନ୍ନ କୁମାର ଶତପଥୀ, ସଂସଦର ସମ୍ପାଦକ ଶିଶୁ କବି ସୁରେନ୍ଦ୍ର ନାଥ ପଣ୍ଡା, ଲକ୍ଷ୍ମୀଧର ପୃଷ୍ଟି, ନାରାୟଣ ମନୋହରୀ ପ୍ରଭୃତି ଭାଗ ନେଇଥିଲେ। ଉପସ୍ଥିତ ରହି ଶିଶୁ ମନ୍ଦିରର କୁନି କୁନି ପିଲାମାନଙ୍କୁ ମଧୁବାବୁ ଓ ଓଡ଼ିଶା ବିଷୟରେ ବିଭିନ୍ନ କଥା ବର୍ଣ୍ଣନା କରିଥିଲେ। ଉତ୍କଳ ଗୌରବ ମଧୁବାବୁ ଏକାଧାରରେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ, ରାଷ୍ଟ୍ରନାୟକ, ବାରିଷ୍ଟର ପ୍ରଭୃତି ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ।

## ରୁଚିକା ସଂଗଠନ ଦ୍ୱାରା ୩ ଶିଶୁ ଶ୍ରମିକ ଉଦ୍ଧାର

ନିମାପଡ଼ା,୨୮।୪(ସମିସ): ରୁଚିକା ସଂଗଠନ ନିମାପଡ଼ା ପୁଲିସ ସହାୟତାରେ ମଙ୍ଗଳବାର ନିମାପଡ଼ାର ଏକ ଇଟାଭାଟି ଉପରେ ଚଢ଼ଉ କରି ୩ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି। ବିହାର ଅଞ୍ଚଳର କେତେକ ଶିଶୁ ଶ୍ରମିକ ଏହି ଅଞ୍ଚଳର ଇଟାଭାଟିରେ କାମ କରୁଥିବା ଖବର ପାଇ ରୁଚିକା ସଂଗଠନର ସପୋର୍ଟ ପର୍ସନ ପ୍ରତିନ୍ ବିଶ୍ୱାଳ ଓ ତାଙ୍କ ଟିମ୍ ପୁଲିସ ସହାୟତାରେ ଚଢ଼ଉ କରିଥିଲେ। ସେଠାରୁ ୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ପୁରୀ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଛି।

## କୁନିକୁନି ଛାତ୍ରଛାତ୍ରୀ ଖୋଲିଲେ ଜଳଛତ୍ର

ଗୋପ,୨୮।୪(ସମିସ): ଗୋପ ଥାନା ଅଧୀନ ସେନାପତିସାହି ଗ୍ରାମରେ କେତେକ କୁନିକୁନି ଛାତ୍ରଛାତ୍ରୀ ଜଳଛତ୍ର ଖୋଲିଥିବା ଦେଖିବାକୁ ମିଳିଛି। ନିଜ ସଞ୍ଚିତ ଅର୍ଥକୁ ବ୍ୟୟ କରି ପଥଚାରୀଙ୍କ ଲାଗି ଏହି ଜଳଛତ୍ର ଖୋଲିଥିବା ଯୋଗୁଁ ସାଧାରଣରେ ପ୍ରଶଂସାର ପାତ୍ର ପାଲଟିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ବିଦ୍ୟାଳୟ ଛୁଟି ଘୋଷଣା କରାଯାଇଥିବା ବେଳେ ଏହି ସମୟରେ ଛାତ୍ରଛାତ୍ରୀମାନେ ଜନସାଧାରଣଙ୍କୁ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହି ଜଳଛତ୍ର ଖୋଲିଥିବା ଦେଖିବାକୁ ମିଳିଛି।

## ବାଇକ୍‌ରେ ଉଚ୍ଚଶବ୍ଦ ଯୁକ୍ତ ସାଇଲେନ୍‌ସର; ଲୋକେ ଅସନ୍ତୁଷ୍ଟ

ଗୋପ,୨୮।୪(ସମିସ): ଗୋପ ଅଞ୍ଚଳରେ ଗତ କିଛିଦିନ ଧରି ଅଧିକାଂଶ ବୁଲେଟ୍ ବାଇକ୍‌ରେ ଉଚ୍ଚଶବ୍ଦ ଯୁକ୍ତ ସାଇଲେନ୍‌ସର ଲଗାଯାଇଥିବାବେଳେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ଛକ ବଜାରରେ ବୁଲେଟ୍‌ଗୁଡ଼ିକ ଯାଉଥିବାବେଳେ ଜନସାଧାରଣ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଲିସ୍ କିମ୍ବା ପରିବହନ ବିଭାଗର ଚଢ଼ଉ ଅଭାବ ଯୋଗୁଁ ଏଭଳି ଶବ୍ଦ ପ୍ରଦୂଷଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯୁବପିଢ଼ିମାନେ ଉଚ୍ଚକ୍ଷମତା ସମ୍ପନ୍ନ ସାଇଲେନ୍ସର ଲଗାଉଥିବା ଯୋଗୁଁ ବିଭିନ୍ନ ସମୟରେ ମଧ୍ୟ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଏହା ଉପରେ ପରିବହନ ବିଭାଗ ଓ ପୁଲିସ୍ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଓଲଟିଲା ଯାତ୍ରୀବାହୀ ବସ୍, ୨୩ ଆହତ; ୬ ଗୁରୁତର

ନୟାଗଡ଼,୨୮ା୪(ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ରାକମାରୁ ନୟାଗଡ଼ ଅଭିମୁଖେ ଆସୁଥିବା 'ବେବୀ' ନାମକ ଘରୋଇ ବସ ରାସ୍ତାକଡ଼କୁ ଓଲଟିବା ଫଳରେ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ବସ୍‌ର ଡ୍ରାଇଭରଙ୍କ ବେପରୁଆ ଚାଳନା ଯୋଗୁଁ ଦୁର୍ଘଟଣା ହୋଇଥିବା ଆହତ ଯାତ୍ରୀମାନେ କହିଛନ୍ତି। ବସ୍‌ଟି ୪୦ରୁ ଅଧିକ ଯାତ୍ରୀ ନେଇ ନୟାଗଡ଼ ଆସୁଥିବା ବେଳେ ନୟାଗଡ଼ ଖଣ୍ଡପଡ଼ା ରାସ୍ତାର ଖେଡ଼ପଡ଼ା ନିକଟରେ ଏହି ଦୁର୍ଘଟଣା ହୋଇଥିଲା। ଡ୍ରାଇଭର ଜଣଙ୍କ ନିଶାସେବନ କରିବା ସହ ତାଙ୍କ ନିକଟରେ ବସିଥିବା ଜଣେ ଯୁବତୀଙ୍କ ସହ କଥାବାର୍ତ୍ତା ହୋଇ ଗାଡ଼ି ଚଳାଉଥିଲେ ବୋଲି ଯାତ୍ରୀମାନେ କହିଛନ୍ତି। ଡ୍ରାଇଭର ଅନ୍ୟମନସ୍କ ଥିବା ବେଳେ ଗୋଟିଏ ସାଇକଲକୁ ସାଇଡ୍ ମାରି ବହୁତ ଜୋରରେ ଗାଡ଼ିକୁ କାଟି ଦେଇଥିଲେ। ଫଳରେ ଗାଡ଼ିଟି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକମାନେ ଗାଡ଼ି ଭିତରୁ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ନୟାଗଡ଼ ମେଡିକାଲକୁ ପଠାଇଥିଲେ। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୨୩ ଜଣ ଆହତ ଆସିଥିବା ବେଳେ ସେମାନଙ୍କ ଭିତରୁ ୬ ଜଣଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟ କିଛି ସାମାନ୍ୟ ଆହତ ହୋଇ ଘରକୁ ଚାଲିଯାଇଥିବା ଜଣାପଡ଼ିଛି। ଆହତଙ୍କ ଭିତରୁ କାହାର ଗୋଡ଼ ହାତ ଭାଙ୍ଗିଛି ତ କାହାର ମୁଣ୍ଡ ଏବଂ ମୁହଁରେ ଆଘାତ ଲାଗିଛି। ଆହତଙ୍କ ମଧ୍ୟରେ ୧୬ ଜଣ ମହିଳା ଏବଂ ଦୁଇ ଜଣ ନାବାଳିକା ରହିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଆହତମାନେ ହେଲେ ଫତେଗଡ଼ ଥାନା ମର୍ଦ୍ଦାବାଡ଼ି ଗ୍ରାମର ଶାଳୀନ ପଣ୍ଡା, ଇଟାମାଟି ଥାନା ଚମ୍ପତିପୁର ଗ୍ରାମର ପ୍ରିୟଙ୍କା ସେଠୀ, ନୟାଗଡ଼ ଲେଙ୍କୁଡ଼ିପଡ଼ା ଗ୍ରାମର ନବକିଶୋର ବେହେରା, ଫତେଗଡ଼ ଥାନା ବନମାଳୀପୁରର କାର୍ତ୍ତିକ ସେଠୀ, ସେନ୍ତେରୀ ଗ୍ରାମର ଟିକିନା ନାୟକ, ଯୋଗିଆପଲ୍ଲୀ ଗ୍ରାମର ସୁଚିସ୍ମିତା ସାହୁ, ବନମାଳୀପୁର ଗ୍ରାମର ଲିଜା ସେଠୀ, ଜାମୁସାହି ଗ୍ରାମର ଛାୟା ପ୍ରଧାନ, ଲେଙ୍କୁଡ଼ିପଡ଼ା ଗ୍ରାମର ଶୈଳବାଳା ବେହେରା, ମହିପୁର ଗ୍ରାମର ମୋନାଲିସା ରାଉତ, ଗିରିଗିରିଆ ଗ୍ରାମର ପ୍ରମୋଦିନୀ ପଣ୍ଡା, ଦଶପଲ୍ଲା ଭୋଗବାଡ଼ି ଗ୍ରାମର ବିଷ୍ଣୁପ୍ରିୟା କହଁର, ଶିଖରପୁର ଗ୍ରାମର ଯଶୋଦା ସ୍ୱାଇଁ, କିରିଆଲାଞ୍ଜି ଗ୍ରାମର ସବିତା ବେହେରା, କୋରଡ଼ା ଗ୍ରାମର ଡମ୍ବରୁ ନାୟକ, କେନ୍ଦୁଡିପି ଗ୍ରାମର ମଞ୍ଜୁଲତା ବେହେରା, ସେନ୍ତରୀ ଗ୍ରାମର ଦୀପା ନାୟକ, ଓଡ଼ଗାଁର ଶ୍ରଦ୍ଧାଞ୍ଜଳି ବେହେରାଙ୍କ ସମେତ ଅନ୍ୟ କିଛି ବ୍ୟକ୍ତି ରହିଛନ୍ତି। ଦୁର୍ଘଟଣା ପରେ ଗାଡ଼ି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ତାକୁ କାବୁ କରିଥିଲେ। ନୟାଗଡ଼ ସଦରଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଡ୍ରାଇଭରକୁ ଅଟକ ରଖିଥିବା ସୂଚନା ମିଳିଛି। ଡ୍ରାଇଭର ଜଣଙ୍କ ନିଶା ସେବନ କରିଥିବା ଏବଂ ଗାଡ଼ି ଆଗ ସିଟରେ ବସିଥିବା ଜଣେ ମହିଳାଙ୍କ ସହ ବାର୍ତ୍ତାଳପ କରି ବେପରୁଆ ଭାବେ ଗାଡ଼ି ଚାଳନା କରୁଥିବା ଯାତ୍ରୀମାନେ କହିଛନ୍ତି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସମସ୍ତ ଆହତଙ୍କୁ ଭେଟିଥିବା ଜଣାପଡ଼ିଛି।



## ଆହତଙ୍କୁ ଭେଟିଲେ ଜିଲ୍ଲାପାଳ

## ୩୦ ବର୍ଷ ପୁରୁଣା ବସ୍‌କୁ କିଭଳି ମିଳୁଛି ଅନୁମତି

**● ଆରଟିଓଙ୍କ ଭୂମିକାକୁ ନେଇ ଉଠିଲା ପ୍ରଶ୍ନ**

**ନୟାଗଡ଼:** ନୟାଗଡ଼ ଜିଲ୍ଲାରେ ବହୁ ପୁରୁଣା ବସ୍‌କୁ ଅନୁମତି ଦିଆଯାଉଛି। ୩୦ ବର୍ଷରୁ ଊର୍ଦ୍ଧ୍ୱ ବସ୍‌କୁ କିଭଳି ଅନୁମତି ମିଳୁଛି ବୋଲି ପ୍ରଶ୍ନ ଉଠିଛି। ବେବୀ ବସଟି ବହୁ ପୁରୁଣା ହୋଇଥିବା ବେଳେ କିଭଳି ତାକୁ ଯାତ୍ରୀ ପରିବହନ ପାଇଁ ଅନୁମତି ଦିଆଯାଇଥିଲା ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଭୂମିକାକୁ ନେଇ ସବୁଠି ଆଲୋଚନା ହେଉଛି। ଏହି ଘଟଣା ଆଜି ଜିଲ୍ଲାପାଳଙ୍କ ନଜରକୁ ଆସିଛି। ନୟାଗଡ଼ ଆଞ୍ଚଳିକ ପରିବହନ ବିଭାଗରେ ହାତଗୁଞ୍ଜା ଦେଲେ ଖତରା ଗାଡ଼ିକୁ ଚଳାଚଳ ପାଇଁ ଅନୁମତି ଦିଆଯାଉଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ଅନେକ କ୍ୟାଣ୍ଟର, ଭିଲେଜର ତଥା ମିନିବସ୍ ଏଭଳି ବେଆଇନ ଭାବେ ଅନୁମତି ନେଇ ଚଳାଚଳ କରୁଥିବା ଦେଖାଯାଇଛି। ଗାଡ଼ି ଗୁଡ଼ିକର ଅବସ୍ଥା ଠିକ ନଥିବା ବେଳେ ତାହାକୁ ସାମାନ୍ୟ ମରାମତି ଓ ରଙ୍ଗ କରି ଅନୁମତି ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଛି।

# ବ୍ୟାଖ୍ୟାନ କେନ୍ଦ୍ର ନିଲାମ ଅବଧି ବୃଦ୍ଧି ଦାବି

ଖଣ୍ଡପଡ଼ା,୨୮ା୪(ସମିସ): ଶ୍ରୀ ନୀଳମାଧବ ମନ୍ଦିର ଉତ୍ତରଦ୍ୱାର ମହାନଦୀ କୂଳରେ ଅବସ୍ଥିତ ନୀଳମାଧବଙ୍କ ଐତିହ୍ୟ ସମ୍ପର୍କିତ ମ୍ୟୁଜିୟମ ବା ବ୍ୟାଖ୍ୟାନ କେନ୍ଦ୍ରକୁ ଗତ ୨୦୨୪ ଜାନୁଆରୀ ୧୯ରେ ୨ ବର୍ଷ ପାଇଁ ଦେବୋତ୍ତର କାର୍ଯ୍ୟାଳୟ କଣ୍ଟିଲୋ ପକ୍ଷରୁ ନିଲାମ ଦିଆଯାଇଥିଲା। ସ୍ଥାନୀୟ ବାସିନ୍ଦା ସୁଜିତ କୁମାର ନିଶଙ୍କ ୩ ଲକ୍ଷ ୨୦ ହଜାର ଟଙ୍କାରେ ନିଲାମ ନେଇଥିଲେ। ସର୍ତ୍ତ ଅନୁସାରେ ଉକ୍ତ ନିଲାମ ଅବଧି ସମୟ ୨୦୨୪ ଜାନୁଆରୀ ୨୧ ଠାରୁ ୨୦୨୬ ଜାନୁଆରୀ ୨୦ ରେ ଶେଷ ହେବା ପୂର୍ବରୁ ନୀଳମାଧବଙ୍କ ବିକାଶ ପ୍ରକଳ୍ପରେ ସାମିଲ ରହିଥିବା ଉକ୍ତ ବ୍ୟାଖାନ କେନ୍ଦ୍ରର ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲୁ ରହୁଥିଲା। କାମ ଚାଲୁ ରହିଥିବାରୁ ଏହାର ନିଲାମ ଅବଧିକୁ ୨୦୨୭ ଡିସେମ୍ବର ୨୦ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ମାତ୍ର ଦେବୋତ୍ତର କାର୍ଯ୍ୟାଳୟ ପକ୍ଷରୁ ପୂର୍ବ ସୂଚନା ଦିଆ ନଯାଇ କାମ ଶେଷ ହୋଇ ଆସୁଥିବାରୁ ପୁନର୍ବାର ଚିଠି କରି ଏହାର ଅବଧିକୁ ୧ ବର୍ଷ ପରିବର୍ତ୍ତେ ୭୫ ଦିନକୁ ବୃଦ୍ଧି କରି ଗତ ୨୦୨୬ ମାର୍ଚ୍ଚ ୩୧ରେ ଶେଷ ହେଲା ବୋଲି ଗତ ୧୫ ତାରିଖରେ ଆଦେଶ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ପ୍ରଶାସନିକ କର୍ତ୍ତୃପକ୍ଷ ନିଲାମ ଆଦେଶକୁ ରଦ୍ଦ କରି ପୂର୍ବ ଆଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ନିଲାମଧାରୀ ଦାବି କରିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱବିସୃତ ତ୍ରିପାଠୀଙ୍କ ପ୍ରତିକ୍ରିୟା ନେବାରେ ତତ୍କାଳୀନ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ନିଲାମ ଅବଧିକୁ ପୃଥକ୍ ଭାବରେ କାର୍ଯ୍ୟାଳୟ ପତ୍ର ମାଧ୍ୟମରେ ବୃଦ୍ଧି କରିବା ଏବଂ ହ୍ରାସ କରିବା ଆଦେଶ ପ୍ରଦାନ କରିଛନ୍ତି। ଏହାର ନିଲାମ ଅବଧି ଶେଷ ହୋଇଯାଇଛି। ଏହି ଆଦେଶ ଅନୁସାରେ ଚଳିତ ମାସ ଠାରୁ ବ୍ୟାଖାନ କେନ୍ଦ୍ରର ନିଲାମ ପ୍ରକ୍ରିୟା ଅନଲାଇନ ମାଧ୍ୟମରେ ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି। ଲକ୍ଷାଧିକ ଟଙ୍କା କ୍ଷତିଗ୍ରସ୍ତ ହୋଇଥିବା ନିଲାମଧାରୀ ଶ୍ରୀ ନିଶଙ୍କ ଆର୍ଥିକ କ୍ଷୟକ୍ଷତି ଭରଣା ପାଇଁ ସ୍ଥାନୀୟ ଦେବୋତ୍ତର ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପୁନର୍ବିଚାର କରିବାକୁ ଦାବି କରିଛନ୍ତି।




# ପାଣି ପାଇଁ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ



ଗଣିଆ,୨୮ା୪(ସମିସ): ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ତାପମାତ୍ରା ବଢ଼ିବା ସହିତ ଜଳସ୍ତର ହ୍ରାସ ପାଇଛି। ଗଣିଆରେ ଅନେକ ସ୍ଥାନରେ ଏବେ ଜଳସଙ୍କଟ ଦେଖାଦେଇଛି। ପାନୀୟ ଜଳ ଟୋପେ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଙ୍ଗଳବାର ପାଣି ଟୋପେ ପାଇଁ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣାରେ ବସିଥିଲେ ଛାମୁଣ୍ଡିଆ ପଞ୍ଚାୟତ ଘାଟିଆସାହି ଗ୍ରାମର ମହିଳା। ତାଙ୍କ ସାହିରେ ଜଳ ସଙ୍କଟ ଦେଖା ଦେଇଥିବା ବେଳେ ସେମାନେ ୩/୪ ଥର ବ୍ଲକକୁ ଆସି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରୁ ନାହିଁ କି ସେମାନଙ୍କୁ ଜଳ ଟୋପେ ମିଳୁନାହିଁ। ନଦୀରୁ ଜଳ ଆଣି ସେମାନେ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି ଗ୍ରାମର ରବୀନ୍ଦ୍ର କୁମାର ସେଠୀ। ଗ୍ରାମରେ ପ୍ରାୟ ୫ ଶହ ଲୋକ ବାସ କରୁଥିବା ବେଳେ ଜଳ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ୪ ମାସ ହେବ ଏହି ସମସ୍ୟା ଲାଗି ରହିଥିବା ଗ୍ରାମର ମହିଳା ମାୟା ରାଉତ ପ୍ରକାଶ କରିଛନ୍ତି। ମହିଳାମାନେ ବିଡିଓଙ୍କଠାରୁ ସରପଞ୍ଚଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କେହି ଦୁଃଖ ଶୁଣୁ ନାହାନ୍ତି। ମହିଳାମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ପାଣି ନଦେବା ପର୍ଯ୍ୟନ୍ତ ସେମାନେ ଏଭଳି ବସି ରହିବେ ବୋଲି ଚେତାବନୀ ଦେଇଥିଲେ। ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ସେମାନଙ୍କୁ ବୁଝାସୁଝା କରିବା ସହ ଦୁଇଦିନ ଭିତରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ହଟିଥିବା ଜଣାପଡ଼ିଛି।

**■ ଫତେଗଡ଼ ପୀଡ଼ିତାଙ୍କ ନାମରେ ଅପପ୍ରଚାର**

# ପୂର୍ବତନ ଏସ୍‌ଡିପିଓଙ୍କ ନାମରେ ପୁଣି ମାମଲା

ଭାପୁର,୨୮ା୪(ସମିସ): ଖଣ୍ଡପଡ଼ାର ପୂର୍ବତନ ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କ ନାମରେ ପୁଣି ଏକ ମାମଲା ରୁଜୁ ହୋଇଛି। ଫତେଗଡ଼ ଗ୍ରାମର ପୀଡ଼ିତା ରଶ୍ମିତା କହଁରଙ୍କ ବିରୁଦ୍ଧରେ ଅପପ୍ରଚାର କରାଇବାକୁ ନେଇ ମାମଲା ହୋଇଛି। ଏସ୍‌ଡିପିଓଙ୍କ ପ୍ରରୋଚନାରେ ସୋସିଆଲ ମିଡିଆରେ ପୀଡ଼ିତାଙ୍କୁ ବଦନାମ କରୁଥିବା ଅନ୍ୟ ୪ ଜଣଙ୍କ ନାମରେ ମଧ୍ୟ ମାମଲା ହୋଇଛି। ଏହି ଅଭିଯୁକ୍ତମାନେ ହେଲେ ଓଡ଼ଗାଁ ଥାନା ଦଣ୍ଡୋର ଗ୍ରାମର ସୁବାସ ବିଷୋଇଙ୍କ ପୁଅ ଶାନ୍ତନୁ ବିଷୋଇ, ନୟାଗଡ଼ ଟାଉନଥାନା ରାଜବଗିଚା ଅନ୍ତର୍ଗତ ଦାମ ସାହୁଙ୍କ ପୁଅ ଜିତେନ୍ଦ୍ର ସାହୁ, ଫତେଗଡ଼ ଥାନା ବିଜିପୁର ଗ୍ରାମର ଟୁଲୁ ରାଉତରାୟ ଏବଂ ରଘୁଆ ପ୍ରଧାନ। ଏସ୍‌ଡିପିଓଙ୍କ ପ୍ରରୋଚନାରେ ଏହି ବ୍ୟକ୍ତିମାନେ ପୀଡ଼ିତାଙ୍କ ବିରୋଧରେ ଅପପ୍ରଚାର କରିବା ସହ ତାଙ୍କୁ ବଦନାମ କରୁଥିଲେ। ପୀଡ଼ିତାଙ୍କ ପ୍ରତି ଅସଭ୍ୟ ଶବ୍ଦ ପ୍ରୟୋଗ କରିବା, ସେ ହନିଟ୍ରାପ କରି ଏସ୍‌ଡିପିଓଙ୍କୁ ଫସାଇଥିବା ପ୍ରଚାର କରୁଥିଲେ। ଯାହାକୁ ନେଇ ପୀଡ଼ିତା ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା ୧୨୮/୨୬ରେ ରୁଜୁ ହୋଇଥିବା ସୂଚନା ମିଳିଛି।

# ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ଓଡ଼ଗାଁ,୨୮ା୪(ସମିସ): ନୟାଗଡ଼ ଜିଲ୍ଲାର ଓଡ଼ଗାଁ ବ୍ଲକ୍‌ସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ମଙ୍ଗଳବାର ଓଡ଼ଗାଁ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ପରିଷଦ ଉନ୍ନୟନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ଯୋଗଦେଇ ପ୍ରତ୍ୟେକ ପଞ୍ଚାୟତରୁ ଆସିଥିବା ଅଭିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଆର୍ଥିକ ଅନିୟମିତତା, ନଥିପତ୍ର ଦାଖଲରେ ଅବହେଳା ସହିତ ଅନ୍ୟାନ୍ୟ ଅନୈତିକ କାର୍ଯ୍ୟ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକ ୩ ଦିନ ମଧ୍ୟରେ ସମାଧାନ ନହେଲେ ସଂପୃକ୍ତ ଅଧିକାରୀଙ୍କଠାରୁ ଜରିମାନା ଅସୁଲ କରାଯିବ ବୋଲି ସେ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଡିଓ ପ୍ରୀତିବାଳା ରଣା ଯୋଜନାର ନୂତନ ରୂପରେଖା କାର୍ଯ୍ୟକାରୀ ପୂର୍ବରୁ ସମସ୍ତ ବିଳମ୍ବିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସମୀକ୍ଷକ ବିଜୟ ନାରାୟଣ ବଳିୟାର ସିଂହ ଓ ବ୍ଲକ ସମୀକ୍ଷକ ରାଜେଶ କୁମାର ଯେନା ଆବଶ୍ୟକ ଅନୁସାରେ ସମସ୍ତ ପ୍ରକାର ସହଯୋଗ କରିବାକୁ କହିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ଚକ୍ର ସୁଦ୍ଧା ୨୪,୯୫୦ ଜବକାର୍ଡଧାରୀଙ୍କ ମଧ୍ୟରୁ ୨୧,୩୩୯ ଜବକାର୍ଡ ସକ୍ରିୟ ରହିଛି। ୬,୩୬୧ ପରିବାର ମଧ୍ୟରୁ ୬,୩୩୫ ପରିବାର କାମ ପାଇଥିବା ବେଳେ ୧,୭୬,୯୬୫ ଶ୍ରମଦିବସ ସୃଷ୍ଟି ହୋଇଛି। ଏପର୍ଯ୍ୟନ୍ତ ୮ କୋଟି ୧୭ ଲକ୍ଷ ୭୯ ହଜାର ଟଙ୍କା ବ୍ୟୟ ହୋଇଥିବା ସହ ୧୧,୯୫୪ଟି ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହୋଇଛି ଏବଂ ୨,୧୧୬ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏହାସହ ୪୦ଟି ପରିବାର ଶହେ ଦିନର କାର୍ଯ୍ୟ ସମାପ୍ତ କରିଛନ୍ତି।



**● ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା**

# ବାଦ୍‌ପଡ଼ିଲା ଗଣିଆ ବ୍ଲକ୍

ଗଣିଆ,୨୮ା୪(ସମିସ): ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଅତ୍ୟାଧୁନିକ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯିବ ଯାହାକି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନାମରେ ନାମିତ ହେବ। ଏଥିପାଇଁ ଗତ ୨୭ ତାରିଖରେ ରାଜ୍ୟ ସମଗ୍ର ଶିକ୍ଷା ତରଫରୁ ଏକ ପ୍ରଥମ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇଛି। ଯେଉଁ ତାଲିକାରେ ରାଜ୍ୟର ୧୧୮ଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରାଯାଇଛି। ସେଥିମଧ୍ୟରୁ ନୟାଗଡ଼ ଜିଲ୍ଲାର ୫ଟି ବିଦ୍ୟାଳୟକୁ ସାମିଲ କରାଯାଇଥିବା ବେଳେ ଏଥିରେ ଗଣିଆ ବ୍ଲକ୍‌ର ଗୋଟିଏ ବି ବିଦ୍ୟାଳୟ ନାହିଁ। ଓଡ଼ଗାଁ ବ୍ଲକ୍‌ର ୪ଟି ବିଦ୍ୟାଳୟ ଏବଂ ରଣପୁର ବ୍ଲକର ଗୋଟିଏ ବିଦ୍ୟାଳୟକୁ ସାମିଲ କରାଯାଇଥିବା ବେଳେ ଆଉ ୬ଟି ବ୍ଲକ୍ ମଧ୍ୟ ବାଦ୍ ପଡ଼ିଛି। ଯଦି ୫ଟି ବିଦ୍ୟାଳୟକୁ ଦିଆଗଲା ତେବେ ବ୍ଲକ୍‌ରୁ ଗୋଟିଏ ଗୋଟିଏ ଦିଆ ନଯାଇ କେବଳ ଓଡ଼ଗାଁରୁ ୪ଟିକୁ କିଭଳି ପ୍ରଦାନ କରାଗଲା। ଗଣିଆ ବ୍ଲକ୍ ପ୍ରଥମ ପର୍ଯ୍ୟାୟ ତାଲିକାରୁ କାହିଁକି ବାଦ୍ ପଡିଲା ତାହା ଏବେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଣିଆ ବ୍ଲକ୍ ଶିକ୍ଷା ବିଭାଗ ତରଫରୁ ଦିଆଯାଇଥିବା ତଥ୍ୟରେ କିଛି ତ୍ରୁଟି ଅଛି ନା ଅନ୍ୟ କୌଣସି କାରଣ ତାହା ଜଣାପଡ଼ିନାହିଁ।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ବୈଠକ

ନୟାଗଡ଼,୨୮ା୪(ସମିସ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକର କଇଁଆଡିହ, ଗୋଡିବିଡା, କୁଲୁରୁକୁମ୍ପା ଖଣ୍ଡପଡ଼ା ବ୍ଲକର ଇଚ୍ଛାପୁର, ନୂଆଗାଁ ବ୍ଲକର ନୂଆପଲ୍ଲୀ, ଥୁଆବାରି, ଓଡ଼ଗାଁ ବ୍ଲକର କୈବଲ୍ୟପୁର ଏବଂ ନୟାଗଡ଼ ବ୍ଲକର ହାଟଦ୍ୱାର ଅନ୍ତର୍ଭୁକ୍ତ ନିମନ୍ତେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ପ୍ରକଳ୍ପର ଅନୁମୋଦନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଯୋଗ ଦେଇଥିଲେ। ଯୋଜନା ମାଧ୍ୟମରେ ଅନୁସୂଚିତ ଜାତି ବହୁଳ ଗ୍ରାମର ଉନ୍ନୟନ ସହ ସାମାଜିକ ଓ ଆର୍ଥିକ ଉନ୍ନତି କରଣ ଲାଗି ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଛି। ଯେଉଁ ଗ୍ରାମରେ ୪୦ ପ୍ରତିଶତ ଅନୁସୂଚିତ ଜାତିର ଲୋକ ବସବାସ କରୁଥିବେ ସେହି ଗ୍ରାମର ସାମଗ୍ରିକ ବିକାଶ ପାଇଁ 'ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଉନ୍ନୟନ ଯୋଜନା'ର ଲକ୍ଷ୍ୟ। ପ୍ରତି ଗ୍ରାମକୁ ୪୦ ଲକ୍ଷ ଲେଖାଏଁ ଆର୍ଥିକ ରାଶିର ପ୍ରକଳ୍ପଗୁଡିକ ଅନୁମୋଦନ କରାଯାଇଛି। ଦଶପଲ୍ଲା, ନୂଆଗାଁ, ଖଣ୍ଡପଡ଼ା, ନୟାଗଡ଼, ଓଡଗାଁର ମଣ୍ଡଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସହ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସମସ୍ତ ମଙ୍ଗଳ ସଂପ୍ରସାରଣ ଅଧିକାରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସରପଞ୍ଚ, ବ୍ଲକ ସହାୟକ ଯନ୍ତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ମଙ୍ଗଳ ଅଧିକାରୀ ପରିଚାଳନା କରିଥିଲେ।

**ରାତିଅଧିଆ ମାଙ୍କଡ଼ା ପଥର ଚାଲାଣ**

# ୨ ମିନି ଟ୍ରକ୍ ଜବତ; ଚାଳକ ଗିରଫ

ଓଡ଼ଗାଁ,୨୮ା୪(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ପୁଲିସ ସୋମବାର ରାତି ଅର୍ଥାତ୍ ମଙ୍ଗଳବାର ଭୋର ସମୟରେ ଚଢ଼ଉ କରି ମାଙ୍କଡ଼ା ପଥର ଚୋରା ଚାଲାଣ ବେଳେ ୨ଟି ମିନି ଟ୍ରକ ଜବତ କରିଛି। ଘଟଣାରେ ୨ ଚାଳକଙ୍କୁ ଗିରଫ କରାଯାଇ ପରେ ଜାମିନରେ ଛଡ଼ାଯାଇଥିବା ସୂଚନା ମିଳିଛି। ପୁଲିସ ସୂଚନାନୁସାରେ, ଓଡ଼ଗାଁ ଆଇଆଇସି ସତ୍ୟନାରାୟଣ ବାରିକଙ୍କ ନେତୃତ୍ୱରେ କୋମଣ୍ଡ ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ସେଠାରୁ ଓଡି-୨୫-ଏ-୭୩୮୧ ଓ ଓଡି-୨୫-୨୬୬୬ ନମ୍ବର ବିଶିଷ୍ଟ ୨ଟି ମିନି ଟ୍ରକ ଜବତ ହୋଇଥିଲା। ଏହି ଘଟଣାରେ କୋମଣ୍ଡ ମଶାଣି ସାହିର ଜିତୁ ନାୟକ (୩୫) ଏବଂ ଖଦାଳ ସାହିର ପ୍ରମୋଦ ନାୟକ (୪୧)ଙ୍କୁ ଗିରଫ କରାଯାଇଥିଲା। ଗତ ୩ରୁ ୪ ମାସ ମଧ୍ୟରେ ଓଡ଼ଗାଁ ପୁଲିସ ପ୍ରାୟ ୧୫ରୁ ୧୭ଟି ଗାଡ଼ି ଜବତ କରିଥିବା ବେଳେ ପରେ ଜରିମାନା ଦେଇ ପଥର ଚାଲାଣ କାରୀମାନେ ଗାଡ଼ିଗୁଡ଼ିକୁ ମୁକାଇ ନେଉଛନ୍ତି। ଏହା ଫଳରେ ଚୋରା ଚାଲାଣ ରୋକାଯିବା ନେଇ ପ୍ରଶ୍ନ ଉଠୁଛି। ଅଭିଯୋଗ ଅନୁଯାୟୀ, ରାତି ସମୟରେ ପଥର ଚାଲାଣ ବେଳେ କିଛି ଦାମିକାର ତିନୋଟି ସ୍ଥାନରେ ରହି ସୁରକ୍ଷା ଯୋଗାଇଥାଏ। ଏହାସହ ବିଭିନ୍ନ ସ୍ଥାନରେ ବାଇକ ଯୋଗେ କିଛି ଲୋକ ପୋଲିସ ଓ ଖଣି ବିଭାଗର ଗତିବିଧି ଉପରେ ନଜର ରଖୁଥିବା କୁହାଯାଉଛି। କୋମଣ୍ଡ ଓ ରୋହିବାଙ୍କ ଖଣି ଅଞ୍ଚଳରୁ ପଥର ଚାଲାଣରେ ବ୍ୟବହୃତ କୌଣସି ଟ୍ରକ କିମ୍ବା ଟ୍ରାକ୍ଟର ଜବତ ହେଲେ, ମାଫିଆ ଗୋଷ୍ଠୀ ପକ୍ଷରୁ ଏକ ସାଧାରଣ ତହବିଲ ମାଧ୍ୟମରେ ଜରିମାନା ଦେଇ ଗାଡ଼ି ମୁକାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ସ୍ଥାନୀୟ ଅଞ୍ଚଳରେ ମାଙ୍କଡ଼ା ପଥରର ଚାହିଦା ଅଧିକ ଥିବାରୁ ଗୃହ ନିର୍ମାଣ ପାଇଁ ଲୋକମାନେ ଅଧିକ ଦରରେ ପଥର କିଣୁଛନ୍ତି। ଯଦି ଖଣି ବିଭାଗ ପକ୍ଷରୁ ଆଇନସମ୍ମତ ଭାବେ ପଥର ଉତ୍ତୋଳନ ଓ ଚାଲାଣ ପାଇଁ ସୁବ୍ୟବସ୍ଥା କରାଯାଏ, ତେବେ ଗ୍ରାହକମାନେ ଉଚିତ ମୂଲ୍ୟରେ ପଥର ପାଇପାରିବେ ଓ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବା ସହିତ ସରକାର ମଧ୍ୟ ଉପଯୁକ୍ତ ଖଜଣା ପାଇପାରନ୍ତେ ବୋଲି ମତ ପ୍ରକାଶ ପାଉଛି।




**ମଧୁବାବୁଙ୍କ ଜୟନ୍ତୀ ପାଳିତ**

# ଦେୱାନୀ ବିଭାଗ ବରିଷ୍ଠ ବିଚାରପତିଙ୍କୁ ସମ୍ବର୍ଦ୍ଧନା

ଓଡ଼ଗାଁ,୨୮ା୪(ସମିସ): ଓଡ଼ଗାଁ ଦେୱାନୀ ଓ ଫୌଜଦାରୀ ଅଦାଲତ ପରିସରସ୍ଥିତ ବାର ଆସୋସିଏସନ ସଭାଗୃହରେ ମଙ୍ଗଳବାର ମଧୁବାବୁଙ୍କ ଜୟନ୍ତୀ ତଥା ଆଇନ ଦିବସ ପାଳିତ ହୋଇଯାଇଛି।

ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ଦେୱାନୀ ବରିଷ୍ଠ ବିଭାଗ ବିଚାରପତି ରାଜେନ୍ଦ୍ର ପ୍ରସାଦ ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ବାର ଆସୋସିଏସନ ସଭାପତି ଆଡଭୋକେଟ ସୁଶାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ଗାଁ ଅଦାଲତର ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ସଂଘମିତ୍ରା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଦେୱାନୀ କନିଷ୍ଠ ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ ଓ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଗୋବିନ୍ଦ ସାହୁ, ଇନ୍ଦୁଭୂଷଣ ମିଶ୍ର, ପବିତ୍ର ମୋହନ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ସରକାରୀ ଓକିଲ ବଟକୃଷ୍ଣ ମିଶ୍ରଙ୍କ ସହ ବହୁ ଆଇନଜୀବୀ ଯୋଗ ଦେଇଥିଲେ। ବାର୍ ଆସୋସିଏସନ ସମ୍ପାଦକ ଚିରଞ୍ଜିବୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ସିଂଘାପଡ଼ାରେ ଅଭାବନୀୟ ସ୍ଥିତି**

# ମାଫିଆଙ୍କ କବ୍‌ଜାରେ ଶହେ ଏକର ସରକାରୀ ଜମି

ନୟାଗଡ଼/ଖଣ୍ଡପଡ଼ା,୨୮ା୪(ସମିସ)

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ତହସିଲ ଅନ୍ତର୍ଗତ ସିଂଘାପଡ଼ା ପଞ୍ଚାୟତରେ ଶତାଧିକ ଏକର ଜମିକୁ ଅକ୍ତିଆର କରିଛି ଘରୋଇ ସଂସ୍ଥା। ସୋଲାର ପ୍ରକଳ୍ପ ନିର୍ମାଣ ପାଇଁ ଉକ୍ତ ସଂସ୍ଥା ଜମି ସହିତ କେନାଲ, ନାଳ ଏବଂ ରାସ୍ତାକୁ ମଧ୍ୟ କବ୍‌ଜା କରିଛି। ଜଙ୍ଗଲ ଜମି ଠାରୁ ଆରମ୍ଭ କରି ଗୋଚର, ପତିତ, ବାଲିଆ, ବଗାୟତ ଏପରିକି କ୍ଷୁଦ୍ର ଜଳସେଚନ ବିଭାଗ ଜମି ଅକ୍ତିଆର କରି ନେଇଥିବା ଅଭିଯୋଗ ହୋଇଛି। ଶତାଧିକ ଏକର ଜମିକୁ ଜବରଦଖଲ କରାଯାଇଥିବା ନେଇ ସ୍ଥାନୀୟ ସରପଞ୍ଚ ସୁନୀଲ ପ୍ରଧାନଙ୍କ ସମେତ ବହୁ ଲୋକ ଅଭିଯୋଗ କରିଛନ୍ତି। ସିଂଘାପଡ଼ା ପଞ୍ଚାୟତ ଅଧୀନ ହରିହରପ୍ରସାଦ ଗ୍ରାମରେ ଖାତା ନଂ-୧୭୪, ବରଗଣ୍ଡ ଓ ଦଉପୋଖରୀ ମୌଜାର ଖାତା ନଂ-୧୮୮ ଏବଂ ନୂଆଗାଁ ମୌଜାର ଖାତା ନଂ-୧୮୦ ଏବେ ଜମିକୁ ମାଫିଆମାନେ ଜବରଦଖଲ କରିଛନ୍ତି। ସାପୁଆ ସଂରକ୍ଷିତ ଜଙ୍ଗଲ ପାଖରେ ଥିବା ଉକ୍ତ ଅଞ୍ଚଳରେ ଭୁବନେଶ୍ୱର ଅଞ୍ଚଳର ପ୍ରଦୀପ କୁମାର ପଣ୍ଡା ସୋଲାର ପ୍ରକଳ୍ପ ନିର୍ମାଣ ଆଳରେ ଏକର ଏକର ଜମି ମାଡି ବସିଥିବା ନୟାଗଡ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଖାଲିସେତିକି ନୁହେଁ, ଦଉପୋଖରୀ ଗ୍ରାମର ଶୂଳିଆ ଠାକୁରାଣୀଙ୍କ ପୀଠ ନିକଟରୁ ସଂରକ୍ଷିତ ଜଙ୍ଗଲ ଭିତରେ କ୍ଷୁଦ୍ର ଜଳସେଚନ ବିଭାଗ କେନାଲକୁ ପୋତି ଦିଆଯାଇଛି। ସବୁଜାଣି କ୍ଷୁଦ୍ର ଜଳସେଚନ ବିଭାଗ ଆଖିବୁଜି ଦେଇଛି। ଚାଷୀଙ୍କ କେନାଲ ଛାରଖାର ହୋଇଥିବା ବେଳେ ଅଭିଯୋଗ ସତ୍ତ୍ୱେ ଏତଲା ମଧ୍ୟ ଦେଇନି କ୍ଷୁଦ୍ର ଜଳସେଚନ ବିଭାଗ। ସରକାରୀ ଜମି ଜବରଦଖଲ କରି ବେଆଇନ ଭାବେ ପ୍ରକଳ୍ପ ସ୍ଥାନକୁ ରାସ୍ତା ତିଆରି କରିଛି ଘରୋଇ ସଂସ୍ଥା। ଏଥିପାଇଁ ଶହ ଶହ ଗଛ ବଳି ପଡ଼ିଥିବାବେଳେ ଜଙ୍ଗଲ ଅଞ୍ଚଳରୁ ମାଟି ଲୁଟ ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି। ସରକାରୀ ଜମି ଜବରଦଖଲ କରି ଘରୋଇ ସଂସ୍ଥା ସରକାରୀ ସବ୍‌ସିଡି ହାତେଇବାକୁ ମସୁଧା କରୁଥିବା ମଧ୍ୟ ସ୍ଥାନୀୟ ଜନପ୍ରତିନିଧି ଅଭିଯୋଗ ଆଣିଛନ୍ତି। ଖାଲି ପ୍ରଦୀପ କୁମାର ପଣ୍ଡା ନୁହନ୍ତି, ଡଃ ବିଜୟ ରାମ ସେନାପତି, ଦେବଯାନୀ ପଣ୍ଡା ପ୍ରମୁଖ ଆଦିବାସୀ ଅଧ୍ୟୁଷିତ ସିଂଘାପଡ଼ା ପଞ୍ଚାୟତର ବିଭିନ୍ନ ମୌଜାରେ ଶହ ଶହ ଏକର ଜମି ଅକ୍ତିଆର କରି ଫାର୍ମ ହାଉସ ନିର୍ମାଣ କରିଥିବା ଅଭିଯୋଗ କରିଛନ୍ତି ପଞ୍ଚାୟତ ବାସିନ୍ଦା। ଏଭଳି ସ୍ଥିତିରେ ସ୍ଥାନୀୟ ତହସିଲଦାର ବିଶ୍ୱବିସୃତ ତ୍ରିପାଠୀ ଓ ରାଜସ୍ୱ ନିରୀକ୍ଷକ ଦିନ ଗଡ଼ାଉଥିବା ଅଭିଯୋଗ ହୋଇଛି। ଗତ ଏକ ମାସ ହେବ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟକୁ ଦୌଡ଼ୁଥିବାବେଳେ ପ୍ରଶାସନ ପଦକ୍ଷେପ ନେବା ବଦଳରେ ଜମି ମାଫିଆଙ୍କୁ ସୁରକ୍ଷା ଦେଉଛି। ଉକ୍ତ ଜବରଦଖଲ ଜମିରେ ସୋଲାର ପ୍ରକଳ୍ପ, ପୋଖରୀ, କୁକୁଡ଼ା ଫାର୍ମ, ଆମ୍ବ ବଗିଚା କରାଯାଇଥିବା ଦେଖିବାକୁ ମିଳିଛି। ଏହା ସହିତ ଏକ ପ୍ରାକୃତିକ ନାଳକୁ ସୋଲାର ପ୍ରକଳ୍ପ ପାଇଁ ଗତିପଥ ବଦଳାଇ ଦିଆଯାଇଛି। ଏବେ ସୁଦ୍ଧା ହୋଇଥିବା ମାପଚୁପରେ ଶହେ ୪୦ ଏକର ସରକାରୀ ଜମି ଚିହ୍ନଟ ହୋଇଛି। ଘଟଣା ସମ୍ପର୍କରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ପ୍ରତିକ୍ରିୟା ନେବାରେ, ଅଭିଯୋଗ ଆଧାରରେ ଖଣ୍ଡପଡ଼ା ତହସିଲଦାରଙ୍କୁ ତଦନ୍ତ ଓ ମାପ ପାଇଁ କୁହାଯାଇଥିବା ସୂଚନା ଦେଇଛନ୍ତି। ମାପଚୁପ ସରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।





**● ସରକାରୀ ଜମିରେ ସୋଲାର ପ୍ରକଳ୍ପ, ପୋଖରୀ, ଫାର୍ମ**

**● ମାପଚୁପ ପରେ କାର୍ଯ୍ୟାନୁଷ୍ଠାନ ନେଇ ଜିଲ୍ଲାପାଳଙ୍କ ସୂଚନା**

## ତହସିଲ ପକ୍ଷରୁ ୪ ମାମଲା

**ଖଣ୍ଡପଡ଼ା:** ଜବରଦଖଲ ଘଟଣାକୁ ନେଇ ଖଣ୍ଡପଡ଼ା ତହସିଲ ପକ୍ଷରୁ ୪ଟି ଜବରଦଖଲ ମାମଲା ରୁଜୁ ହୋଇଥିବା ତହସିଲଦାର ସୂଚନା ଦେଇଛନ୍ତି। ସରକାରୀ ଅମିନ ସାହାଯ୍ୟରେ ମାପ ଚାଲିଛି। ସ୍ଥାନୀୟ ବାସିନ୍ଦା ଉପସ୍ଥିତିରେ ମାପ କରାଯାଉଛି। ବହୁତ ବଡ଼ ଅଞ୍ଚଳ ହୋଇଥିବାରୁ ମାପ ବିଳମ୍ବ ହେଉଛି ବୋଲି ସୂଚନା ମିଳିଛି। ମାପ ସରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

